# ଅତିରିକ୍ତ ସୁରକ୍ଷା ଜମା ଓ ସ୍ମାର୍ଟ ମିଟରକୁ ବିରୋଧ



ବଡମ୍ବା,୧୬।୧୨(ସମିସ): ଟାଟା ପାୱାର ପକ୍ଷରୁ ଗ୍ରାହକଙ୍କୁ ସିକ୍ୟୁରିଟି ମନି ଜମା ଟଙ୍କା ଦେବା ନୋଟିସ ଆସିବା ତଥା ଉପଭୋକ୍ତାଙ୍କୁ ସ୍ମାର୍ଟ ମିଟର ଲଗାଇବା ପାଇଁ ବାଧ କରାଯିବା ଘଟଣାକୁ ନେଇ ବଡମ୍ବା ବିଦ୍ୟୁତ ଉପଭୋକ୍ତାଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

ବିଦ୍ୟୁତ ଉପଭୋକ୍ତାଙ୍କ ସମସ୍ୟାକୁ ନେଇ ବଡମ୍ବାରେ ନୂତନ କରି ଗଠନ ହୋଇଥିବା ବଡମ୍ବା ବିଦ୍ୟୁତ ଉପଭୋକ୍ତା ମହାସଂଘର ପ୍ରଥମ ବୈଠକ ହାଟସ୍ଥିତ ଶ୍ରୀ ଶ୍ରୀ ନୀଳକଣ୍ଠେଶ୍ୱର ମନ୍ଦିର ପ୍ରାଙ୍ଗଣରେ ମହାସଂଘର ସଭାପତି ଚିନ୍ମାମ୍ବି ମହାନ୍ତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବିଦ୍ୟୁତ ଉପଭୋକ୍ତାଙ୍କ ସମସ୍ୟାକୁ ନେଇ ଆଲୋଚନା କରାଯାଇଥିଲା। ଟିପିସିଓଡିଏଲର ମନମୁଖୀ ଭାବେ ଉପଭୋକ୍ତାଙ୍କୁ ଶୋଷଣ କରିବା ବିରୋଧରେ ଜନସାଧାରଣଙ୍କ ସହଯୋଗରେ ଆନ୍ଦୋଳନକୁ ଓହ୍ଲାଇବ ବଡମ୍ବା ବିଦ୍ୟୁତ ଉପଭୋକ୍ତା ମହାସଂଘ। ଆସନ୍ତା ସୋମବାର ୨୨ ତାରିଖ ଶୋଭାଯାତ୍ରା କରାଯାଇ ଶକ୍ତିମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ଥାନୀୟ ତହସିଲଦାରଙ୍କୁ ଏକ ଦାବିପତ୍ର ଦେବା ସହିତ ବଡମ୍ବା ବିଦ୍ୟୁତ କାର୍ଯ୍ୟାଳୟ ଘେରଉ କରାଯାଇ ଏକ ଦାବିପତ୍ର ପ୍ରଦାନ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି।

ବିଦ୍ୟୁତ ଉପଭୋକ୍ତାଙ୍କ ସମସ୍ୟାକୁ ଗୁରୁତ୍ୱ ନ ଦେଇ ସମାଧାନ ନ କରାଗଲେ ଆଗାମୀ ଦିନରେ ମହାସଂଘ ଅଞ୍ଚଳର ବିଦ୍ୟୁତ ଉପଭୋକ୍ତାଙ୍କୁ ନେଇ ରାଜରାସ୍ତାକୁ ଓହ୍ଲାଇବ ବୋଲି ସୂଚନା ମିଳିଛି। ବୈଠକରେ ମହାସଂଘରେ ଉପସଭାପତି ଶିବ ନାରାୟଣ ମିଶ୍ର, ପଞ୍ଚାନନ ମଲ୍ଲିକ, ସାଧାରଣ ସମ୍ପାଦକ ନିଗମାନନ୍ଦ ନାୟକ, କୋଷାଧ୍ୟକ୍ଷ ଗୋବର୍ଦ୍ଧନ ମହାରଣା, ଉପଦେଷ୍ଟା ବିବେକାନନ୍ଦ ମଲ୍ଲିକ, ସନ୍ତୋଷ ଦେବତା, ସଂଯୋଜକ ଅକ୍ଷୟ କରଣ, ବରିଷ୍ଠ ସଦସ୍ୟ ଶିକ୍ଷକ ସୁବାସ ଚନ୍ଦ୍ର ସାହୁ, ସହଦେବ ମଲ୍ଲିକ, ଗଦାଧର ମଲ୍ଲିକ, ସନ୍ତୋଷ ପରିଡା, ମୃତ୍ୟୁଞ୍ଜୟ ମହାନ୍ତି, ଗୋପାଳ ଖିଲାର, ବିଜୟ ରାଉତ, ସୁଧାଂଶୁ ରଞ୍ଜନ ଶତପଥି ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ସାମିଲ ହୋଇଥିଲେ। ଉପଦେଷ୍ଟା ମନୋଜ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

# ଚାଟେଶ୍ୱର ପାକ୍ସ ଦୁର୍ନୀତି; ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ଚାଷୀ

ସାଲେପୁର,୧୬।୧୨(ସମିସ): ସାଲେପୁର ବ୍ଲକ ସଉରୀ ପଞ୍ଚାୟତରେ ଥିବା ଚାଟେଶ୍ୱର ସମବାୟ ସମିତିରେ ଚାଲିଥିବା ବ୍ୟାପକ ଦୁର୍ନୀତି ଓ ଅନିୟମିତତାକୁ ନେଇ ସ୍ଥାନୀୟ ଅଞ୍ଚଳବାସୀ ଏବଂ ଚାଷୀମାନେ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ସମିତି କାର୍ଯ୍ୟାଳୟଟି ଦୀର୍ଘ ବର୍ଷ ଧରି ଏକ ସରକାରୀ ଘରେ ଚାଲିଥିଲେ ମଧ୍ୟ ମାସିକ ୩ ହଜାର ୬ ଶହ ଟଙ୍କା ଘର ଭଡ଼ା ଦର୍ଶାଇ ଅର୍ଥ ଆତ୍ମସାତ୍ କରାଯାଉଛି। ଏଥିସହ ସମ୍ପାଦକଙ୍କ ଅନୁପସ୍ଥିତିର ସୁଯୋଗ ନେଇ ଜଣେ ଡାଟା ଏଣ୍ଟ୍ରି ଅପରେଟର ନିଜ ମନମୁଖୀ ଶାସନ ଚଳାଇବା ସହ ପ୍ରକୃତ ଚାଷୀଙ୍କ ପରିବର୍ତ୍ତେ ଅଣଚାଷୀଙ୍କୁ ଋଣ ପ୍ରଦାନ କରି ଲକ୍ଷ ଲକ୍ଷ ଟଙ୍କା ହେରଫେର କରୁଥିବା ଅଭିଯୋଗ ହୋଇଛି। କେବଳ ସେତିକି ନୁହେଁ, କୌଣସି ବିଧିବଦ୍ଧ ବିଜ୍ଞାପନ ବିନା ରାଜନୈତିକ ଚାପରେ ଅପରେଟର ଓ ପିଅନ ନିଯୁକ୍ତିରେ ଚଞ୍ଚକତା କରାଯାଇଛି। ସମ୍ପୃକ୍ତ କର୍ମଚାରୀ ଜଣକ ଚାଷୀଙ୍କୁ ଧାନ କ୍ରୟ ଓ ଋଣ ପ୍ରଦାନ ବନ୍ଦ କରିଦେବାକୁ ଧମକ ଦେଉଥିବାରୁ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଛି। ଅନ୍ୟପଟେ, ବର୍ତ୍ତମାନର ଉପଯୁକ୍ତ ସ୍ଥାନରୁ କାର୍ଯ୍ୟାଳୟକୁ ଅନ୍ୟତ୍ର ସ୍ଥାନାନ୍ତର କରିବା ପାଇଁ ହେଉଥିବା ଚକ୍ରାନ୍ତକୁ ଚାଷୀମାନେ ତୀବ୍ର ବିରୋଧ କରିଛନ୍ତି। ସରକାରୀ ଯୋଜନାଗୁଡ଼ିକର ସୁଫଳ ପ୍ରକୃତ ଚାଷୀଙ୍କ ପାଖରେ ପହଞ୍ଚୁ ନ ଥିବାରୁ ଗ୍ରାମବାସୀମାନେ ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ସହ ଦୋଷୀ କର୍ମଚାରୀଙ୍କ ବିରୋଧରେ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲ୍ଲାପାଳଙ୍କ ନିକଟରେ ଦାବି କରିଛନ୍ତି।

## କିଶନନଗର ତହସିଲ ପରିସରରେ ଜବରଦଖଲ



କିଶନନଗର,୧୬।୧୨(ସମିସ): କଟକ ସଦର ଅନ୍ତର୍ଗତ କିଶନନଗର ତହସିଲ ଅଞ୍ଚଳରେ ଜବରଦଖଲ ଅତି ମାତ୍ରାରେ ବୃଦ୍ଧି ପାଇଥିବା ଅଭିଯୋଗ ହୋଇଆସୁଥିଲା ବେଳେ ଶେଷରେ ତହସିଲ ପରିସର ବି ଜବରଦଖଲ ହୋଇଥିବା ଜଣାପଡ଼ିଛି। ତହସିଲ ପରିସରରେ ବେଆଇନ ଭାବେ କେବିନ୍ ପକାଯାଇ ଜେରକ୍ସ ମେସିନ ପକାଯିବା ସହିତ ବିଭିନ୍ନ ଅନଲାଇନ ବ୍ୟବସାୟୀକ କାର୍ଯ୍ୟ ବେଆଇନ୍ ଭାବେ ଚାଲୁରହିଛି। ସେଥିରେ ତହସିଲରେ ଉପନିବନ୍ଧନ କାର୍ଯ୍ୟାଳୟ ଖୋଲାଯିବାଠାରୁ ଉଭୟ ତହସିଲ ଓ ଉପନିବନ୍ଧନ କାର୍ଯ୍ୟାଳୟ ଏବେ ଦଲାଲଙ୍କ କବଳରେ ରହିଥିବା ଅଭିଯୋଗ ହେଉଛି। ଯେଉଁଥି ପାଇଁ ସାଧାରଣ ଲୋକେ ଶୋଷଣର ଶିକାର ହେଉଥିବା ଜଣାପଡିଛି। ତୁରନ୍ତ ଏଥିପ୍ରତି ତହସିଲ ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି।

## ବଟେଶ୍ୱର ମହାଦେବଙ୍କ ମହାସ୍ନାନ ଉତ୍ସବ



ଟାଙ୍ଗୀ,୧୬ ।୧୨(ସମିସ): ପବିତ୍ର ଧନୁ ସଂକ୍ରାନ୍ତି ଅବସରରେ ମଙ୍ଗଳବାର ଟାଙ୍ଗୀ-ଚୌଦ୍ୱାର ବ୍ଲକ କୋଟସାହି ପଞ୍ଚାୟତ ବନ୍ଦାଳ ଗ୍ରାମସ୍ଥିତ ଶ୍ରୀ ଶ୍ରୀ ବଟେଶ୍ୱର ମହାଦେବଙ୍କ ୧୯ତମ ମହାସ୍ନାନ ଉତ୍ସବ ଓ ମହାଯଜ୍ଞ ଉଦଯାପିତ ହୋଇଯାଇଛି। ପଞ୍ଚଦିବସୀୟ ଉକ୍ତ ଉତ୍ସବରେ ସହସ୍ରାଧିକ ଶ୍ରଦ୍ଧାଳୁଙ୍କ ସମାଗମ ଘଟିଥିଲା। ବ୍ୟବସାୟୀଙ୍କ ଭିଡ଼ ମିନି ବାଲିଯାତ୍ରାର ଭ୍ରମ ସୃଷ୍ଟି କରିଥିଲା। ଅନୁଷ୍ଠିତ ଉତ୍ସବରେ ଟେଟ୍ରାହେଡ୍ରନ୍ ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁସନ ଅଧ୍ୟକ୍ଷ ତ୍ରିଦେବ ବେହେରା, ଡ୍ରିମ୍ସ ଅଧ୍ୟକ୍ଷ ପ୍ରମୋଦ ଚନ୍ଦ୍ର ରଥ, ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା, ପ୍ରାକ୍ତନ ବିଧାୟକ ପ୍ରକାଶ ଚନ୍ଦ୍ର ବେହେରା, ବିଜେପି ନେତା ଅରିନ୍ଦମ୍ ରାୟ ଓ ହିମାଂଶୁ ମହାନ୍ତି ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦାନ ପୂର୍ବକ ବିଭୂକୃପା ଲାଭ କରିଥିଲେ।

## କିଶନନଗର ତହସିଲ ସମ୍ମୁଖରେ ବିକ୍ଷୋଭ




କିଶନନଗର,୧୬।୧୨(ସମିସ): ଜନଜୀବନର ଜ୍ୱଳନ୍ତ ସମସ୍ୟା ସମାଧାନ ଦାବି ନେଇ ସାରା ରାଜ୍ୟରେ ଦାବି ସପ୍ତାହ ପାଳନର ଅନ୍ତିମ ଦିବସରେ ଏସ୍ୟୁସିଆଇ (କମ୍ୟୁନିଷ୍ଟ) କିଶନନଗର ଆଞ୍ଚଳିକ ଶାଖା ପକ୍ଷରୁ ସଂପାଦକ ଶ୍ରମିକ ନେତା ରାଜକିଶୋର ମଲ୍ଲିକଙ୍କ ନେତୃତ୍ୱରେ ତହସିଲ ସମ୍ମୁଖରେ ଗଣବିକ୍ଷୋଭ ଅନୁଷ୍ଠିତ ହୋଇଯାଇଛି। ମୌଳିକ ଦାବି ମଧ୍ୟରେ ଭୂମିହୀନଙ୍କୁ ଜମି ପଟ୍ଟା ଓ ସରକାରୀ ପକ୍କା ଘର, ଘର ତିଆରି ପାଇଁ ମାଗଣା ବାଲି, କୃଷିଜାତ ଦ୍ରବ୍ୟ ଉପରେ ଏମ୍ଏସପିକୁ ଆଇନ୍ ସମ୍ମତ କରିବା, ମହାନଦୀ ପଠା ସହିତ ଶଗଡ଼ି ଜଙ୍ଗଲରୁ ବଣୁଆ ଗାଇ, ବାରହା ହଟାଇବା ଏବଂ ଷଣ୍ଢ ଓ ମାଙ୍କଡଙ୍କ ଦାଉରୁ ଫସଲ ରକ୍ଷା କରିବା, ଫନି ବାତ୍ୟା କ୍ଷତିଗ୍ରସ୍ତ ତାଲିକାଭୁକ୍ତ ଚାଷୀଙ୍କୁ କ୍ଷତିପୂରଣ ଦେବା, କିଶନନଗର ଡାକ୍ତରଖାନାକୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମାନ୍ୟତା ପ୍ରଦାନ, ଜବ୍ କାର୍ଡଧାରୀଙ୍କୁ ବର୍ଷ ସାରା କାମ ଯୋଗାଇଦେବା, ସ୍ମାର୍ଟ ମିଟର ବସାଇବା ବନ୍ଦ କରିବା ସହିତ ୩୦୦ ୟୁନିଟ୍ ପର୍ଯ୍ୟନ୍ତ ମାଗଣା ବିଦ୍ୟୁତ୍ ଯୋଗାଣ, ଅଣସଂଗଠିତ ନିର୍ମାଣ ଶ୍ରମିକଙ୍କ ନ୍ୟାଯ୍ୟ ଦାବି ପୂରଣ କରିବା, ସମବାୟ ସମିତି ବ୍ୟବସ୍ଥାକୁ ଜଗତସିଂହପୁର ଜିଲ୍ଲାରୁ କଟକ ଜିଲ୍ଲାକୁ ଆଣିବା ପ୍ରଭୃତି ରହିଥିବା ବେଳେ ସରକାରଙ୍କ ଉଦ୍ଦେଶ୍ୟରେ ତହସିଲଦାର କ୍ଷିରୋଦ କୁମାର ଦାଶଙ୍କୁ କିଶନନଗର ଥାନା ଅଧିକାରିଣୀ ଦୁର୍ଗେଶ ନନ୍ଦିନୀ ମହାନ୍ତିଙ୍କ ଉପସ୍ଥିତିରେ ୧୫ ଦଫା ଦାବି ପତ୍ର ଦିଆଯାଇଥିଲା। ବୁଦ୍ଧଦେବ ଭୋଇ, ଶରତ ଚନ୍ଦ୍ର ବେହେରା, ପରମାନନ୍ଦ ସେଠୀ, ସନ୍ତୋଷ ଭୋଇ, ଭାଗିରଥୀ ଭୋଇ ସାମିଲ ହୋଇଥିଲେ।

## ଏଲ୍‌ପିଜି ଗ୍ୟାସ୍ ବ୍ୟବହାରିକ ସଚେତନତା



ତିଗିରିଆ,୧୬।୧୨(ସମିସ): ତିଗିରିଆ ବ୍ଲକ ସିଡିପିଓଙ୍କ କାର୍ଯ୍ୟାଳୟରେ ମଙ୍ଗଳବାର ବ୍ଲକର ଅଙ୍ଗନବାଡି କର୍ମୀମାନଙ୍କୁ ନେଇ ଏଲପିଜି ଗ୍ୟାସ ବ୍ୟବହାର ସମ୍ବନ୍ଧୀୟ ଏକ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ତିଗିରିଆ ଅଗ୍ନିଶମ କେନ୍ଦ୍ର ଅଧିକାରୀ ପ୍ରତାପଚନ୍ଦ୍ର ବେହେରାଙ୍କ ନେତୃତ୍ୱରେ ଆଗ୍ନିକ ସୁଶୀଲ ଗଡ଼ନାୟକ ଓ ସୁଶାନ୍ତ ବିଶ୍ୱାଳ, ଡ୍ରାଇଭର ସୁଦର୍ଶନ ପରିଡା ପ୍ରମୁଖ ଉପସ୍ଥିତ ରହି ଉପସ୍ଥିତ ଅଙ୍ଗନବାଡି କର୍ମୀମାନଙ୍କୁ ଏଲପିଜି ଗ୍ୟାସ ସମ୍ବନ୍ଧୀୟ ସୁରକ୍ଷା ଓ ସତର୍କତା ସମ୍ପର୍କରେ ସୂଚନା ଦେଇଥିଲେ। ଏଲପିଜି ଗ୍ୟାସ ବ୍ୟବହାର ସମୟରେ ଅଗ୍ନିକାଣ୍ଡ ଘଟିଲେ କିଭଳି ମୁକାବିଲା କରାଯିବ ସେ ସମ୍ପର୍କରେ ଉପସ୍ଥିତ ଅଗ୍ନିଶମ ବିଭାଗ ଅଧିକାରୀ ଓ କର୍ମଚାରୀମାନେ ଅଙ୍ଗନବାଡି କର୍ମୀମାନଙ୍କୁ ଏ ସମ୍ପର୍କରେ ବିଭିନ୍ନ ଡେମୋ ପ୍ରଦର୍ଶନ କରିଥିଲେ। କାର୍ଯ୍ୟକ୍ରମରେ ସିଡିପିଓ ବୀଣାପାଣି ଦାସଙ୍କ ସମେତ ସିଡିପିଓଙ୍କ କାର୍ଯ୍ୟାଳୟର ଅନ୍ୟାନ୍ୟ କର୍ମଚାରୀ ଓ ବ୍ଲକର ବିଭିନ୍ନ ପଞ୍ଚାୟତର ଅଙ୍ଗନବାଡି କର୍ମୀମାନେ ଉପସ୍ଥିତ ଥିଲେ।

## କଲେଜରେ ଆନ୍ତଃବିଭାଗୀୟ ସେମିନାର




ନିଶ୍ଚିନ୍ତକୋଇଲି,୧୬।୧୨(ସମିସ): ନିଶ୍ଚିନ୍ତକୋଇଲି ପଞ୍ଚାୟତ ପ୍ରହ୍ଲାଦ ମହାବିଦ୍ୟାଳୟର ଶିକ୍ଷା ଓ ମନୋବିଜ୍ଞାନ ବିଭାଗର ମିଳିତ ଆନୁକୂଲ୍ୟରେ ବାର୍ଷିକ ଆନ୍ତଃ ବିଭାଗୀୟ ସେମିନାର କଲେଜ ସ୍ମାର୍ଟ କ୍ଲାସ୍ ରୁମ୍‌ରେ ଅନୁଷ୍ଠିତ ହୋଇଛି। ଶିକ୍ଷା ବିଭାଗର ମୁଖ୍ୟ ଅଧ୍ୟାପକ ଡ. ଅଲେଖଚନ୍ଦ୍ର ସାମଲଙ୍କ ପୌରୋହିତ୍ୟରେ ଏଥିରେ ମୁଖ୍ୟଅତିଥି ଭାବେ କଲେଜ ଅଧ୍ୟକ୍ଷା ପ୍ରଫେସର ଡ. ତରୁଲତା ଦେବୀ ଯୋଗଦେଇଥିଲେ। 'ଆନ୍ତଃ ଅଭିପ୍ରେରଣା ସହିତ ଶୈକ୍ଷିକ କୃତିତ୍ୱର ସଂପର୍କ' ଶୀର୍ଷକ ଏକ ଆଲୋଚନାଚକ୍ରରେ ମନୋବିଜ୍ଞାନ ବିଭାଗର ମୁଖ୍ୟ ଅଧ୍ୟାପିକା ପ୍ରୀତିଶ୍ରୀ ଦାସ ଏହାର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସଂପର୍କରେ ଉପସ୍ଥାପନା କରିଥିଲେ। ଏଥିରେ ସାଲେପୁର ସ୍ୱୟଂଶାସିତ ମହାବିଦ୍ୟାଳୟ ଶିକ୍ଷା ବିଭାଗର ଅଧ୍ୟାପିକା ଶ୍ରୀପର୍ଣ୍ଣା ଘୋଷ୍ ଓ ବାଙ୍କି ସ୍ୱୟଂଶାସିତ ମହାବିଦ୍ୟାଳୟର ଅବସରପ୍ରାପ୍ତ ମନୋବିଜ୍ଞାନ ବିଭାଗର ମୁଖ୍ୟ ପ୍ରାଧ୍ୟାପକ ଡ. ମୁରଲୀଧର ରଥ ବିଷୟ ବିଶେଷଜ୍ଞ ଭାବେ ଯୋଗଦେଇ ଉଚ୍ଚକୋଟୀର ପ୍ରବନ୍ଧ ସଂକ୍ରାନ୍ତ ଉପସ୍ଥାପନା କରିଥିଲେ। ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ଡ. ପଦ୍ମଲୋଚନ ରାଉତ ଓ ଶୈକ୍ଷିକ ଅଧିକାରୀ ଅଧ୍ୟାପକ ପ୍ରଶାନ୍ତ ଭାରତୀ ଅଭିପ୍ରେରଣାର ଗୁରୁତ୍ୱ ଓ ଉପକାରିତା ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଶିକ୍ଷା ବିଭାଗର ତୃତୀୟ ବର୍ଷର ଛାତ୍ରୀ ଶୁଭଲକ୍ଷ୍ମୀ ପଣ୍ଡା ଓ ମନୋବିଜ୍ଞାନ ବିଭାଗର ଛାତ୍ରୀ ରଶ୍ମିତା ବେହେରା ପ୍ରବନ୍ଧ ଉପସ୍ଥାପନା କରିଥିଲେ। ଅଧ୍ୟାପିକା ସ୍ନେହସ୍ମିତା କର ଧନ୍ୟବାଦ ଅର୍ପଣ କରିଥିଲେ।

## ବିଧାୟକଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପ ଶିଳାନ୍ୟାସ



ମାହାଙ୍ଗା,୧୬ ।୧୨(ସମିସ): ମାହାଙ୍ଗା ବ୍ଲକ ଧର୍ମଗତପୁର ଜଳସମ୍ପଦ ବିଭାଗ ଅଧୀନରେ ଥିବା କେନ୍ଦ୍ରାପଡ଼ା କେନାଲର ୬ଡି ଓ ୬ଡି୩ ଶାଖା କେନାଲର ବିଭିନ୍ନ ଉନ୍ନତିକରଣ ଓ ସେତୁ ନିର୍ମାଣର ଶିଳାନ୍ୟାସ ବିଧାୟକ ସାରଦା ପ୍ରଧାନଙ୍କ ଦ୍ୱାରା କରାଯାଇଛି। ଏହି ଅବସରରେ ଚାହାପଡ଼ା ପଞ୍ଚାୟତ ଜହଲଠାରେ ୬ଡି୩ସି୧ ଶାଖା ନାଳ ଓ ୬ଇ ଶାଖା ନାଳର ସେତୁ ନିର୍ମାଣ କାର୍ଯ୍ୟର ଶୁଭ ଶିଳାନ୍ୟାସ କରିବା ସହ ଧାରଶ୍ୟାମସୁନ୍ଦରପୁରଠାରେ ଥିବା ୬ଡି କେନାଲ ଉପରେ ନିର୍ମାଣ ହେବାକୁ ଥିବା ସେତୁର ଶିଳାନ୍ୟାସ କରାଯାଇଛି। ମଣ୍ଡଳ ସଭାପତି ମନୋରଞ୍ଜନ ବିଶ୍ୱାଳ, ଯୁବନେତା ଉମେଶ ଭଞ୍ଜ, ଜଳସମ୍ପଦ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ରାଜେନ୍ଦ୍ର ପ୍ରସାଦ ମଲ୍ଲିକ, ସହକାରୀ ଯନ୍ତ୍ରୀ କୁମୁଦ ପ୍ରସାଦ ବେହେରା, ଚାହାପଡା ପଞ୍ଚାୟତ ସଭାପତି ପ୍ରମୋଦ ସ୍ୱାଇଁ, ନୁର୍ତାଙ୍ଗ ପଞ୍ଚାୟତ ସଭାପତି ରଞ୍ଜିତ ବରାଳ, ସମିତିସଭ୍ୟ ସୁରେନ୍ଦ୍ର ମହାନ୍ତି, ଯୁବନେତା ଗୌତମ ଶରଣ, ଦେବୀପ୍ରସାଦ ସିଂହ, ବରିଷ୍ଠ ନାଗରିକ ବିଷ୍ଣୁ ଚରଣ ରାଉତ, ଅନୋଜ ବାରିକଙ୍କ ସମେତ ବହୁ ସ୍ଥାନୀୟ ଲୋକେ ଉପସ୍ଥିତ ଥିଲେ। ୪୦ ଲକ୍ଷରୁ ଊର୍ଦ୍ଧ୍ୱ ବ୍ୟୟରେ ନିର୍ମାଣ ହେବାକୁ ଥିବା ସେତୁ ଓ କେନାଲ ଉନ୍ନତିକରଣ କାର୍ଯ୍ୟ ହେବା ଦ୍ୱାରା ଜଳସେଚନ ଓ ଗମନାଗମନର ସମସ୍ୟା ଦୂର ହୋଇପାରିବ ବୋଲି ଶ୍ରୀ ପ୍ରଧାନ କହିଥିଲେ।

## ସମାଜସେବୀଙ୍କ ବିୟୋଗରେ ଶୋକ



ନେମାଳ,୧୬।୧୨(ସମିସ): ନିଶ୍ଚିନ୍ତକୋଇଲି ବ୍ଲକ ତଥା ନେମାଳ ଥାନା ଜମାରା ପଞ୍ଚାୟତ ବିଶିଷ୍ଟ ସୁସଂଗଠ ତଥା ସମାଜସେବୀ ନନ୍ଦ ବିଶ୍ୱାଳଙ୍କ ପରଲୋକ ଖବର ପାଇ ବିଶିଷ୍ଟ ରାଜନେତା ବିଜୟ ମହାପାତ୍ର ତାଙ୍କ ବାସଭବନରେ ପହଞ୍ଚି ଶୋକାକୁଳ ପରିବାରଙ୍କୁ ସମବେଦନ ଜଣାଇବା ସହିତ ସ୍ୱର୍ଗତ ବିଶ୍ୱାଳ ବିୟୋଗରେ ଗଭୀର ଶୋକ ପ୍ରକାଶ କରିଛନ୍ତି। ବାପୁ ଭୂୟାଁ, ମନୋଜ ବେହେରା, ନିହାର ମହାନ୍ତି, ମୁକ୍ତର ଅଲ୍ଲୀ, ସୁର ସାମନ୍ତରାୟ, ରାଜକିଶୋର ନାୟକ, ସୁରେଶ ସାମଲ, ନିର୍ମଳ ସିଂ, ସୁରେଶ ତ୍ରିପାଠୀ, ଶିବ ପ୍ରସାଦ ବିଶ୍ୱାଳ, ଅକ୍ଷୟ ବିଶ୍ୱାଳ, ଅଶୋକ ସାହୁ, ହିମାଂଶୁ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ପ୍ରକାଶ ଥାଉକି, ସ୍ୱର୍ଗତ ବିଶ୍ୱାଳ ଦୀର୍ଘଦିନ ଧରି ବିଜୟ ମହାପାତ୍ର ସହିତ କାର୍ଯ୍ୟ କରି ସମଗ୍ର ଅଞ୍ଚଳରେ ବେଶ୍ ପରିଚିତ ଥିଲେ।

## ଭଗତପୁର ପ୍ରିମିୟର ଲିଗ୍; ବାଉଣ୍ଡରି କିଙ୍ଗ୍ସ ଚାମ୍ପିଅନ



ଟାଙ୍ଗୀ,୧୬ ।୧୨(ସମିସ): ଟାଙ୍ଗୀ-ଚୌଦ୍ୱାର ବ୍ଲକ କନ୍ହେଇପୁର ପଞ୍ଚାୟତ ଭଗତପୁରଠାରେ ଭଗତପୁର ପ୍ରିମିୟର ଲିଗ୍ ଉଦଯାପିତ ହୋଇଯାଇଛି। ବଏଜ ଆଣ୍ଡ ବଏଜକୁ ହରାଇ ବାଉଣ୍ଡରି କିଙ୍ଗ୍ସ ଚାମ୍ପିଅନ ହୋଇଛି। ପୁରସ୍କାର ବିତରଣୀ ଉତ୍ସବରେ ଲୋକସେବା ଫାଉଣ୍ଡେସନ ଅଧ୍ୟକ୍ଷ ତଥା ଟାଙ୍ଗୀ ସାଲେପୁର ବିଜେପି ନେତା ହିମାଂଶୁ ମହାନ୍ତି ମୁଖ୍ୟଅତିଥି ଭାବେ କୃତୀ କ୍ରୀଡ଼ାବିତଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ପ୍ରକାଶଥାଉକି, ଭଗତପୁର ଗ୍ରାମର ବଏଜ ଆଣ୍ଡ ବଏଜ୍, ଜୟହିନ୍ଦ ୱାରିୟର, ବାଉଣ୍ଡରି କିଙ୍ଗ୍ସ ଓ ଟର୍ଣ୍ଣାଡ଼ୋ ନାମକ ୪ଟି ଟିମ୍ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଉକ୍ତ ଦୁଇଦିନିଆ ଟୁର୍ଣ୍ଣାମେଣ୍ଟକୁ ରବିନାରାୟଣ ପଣ୍ଡା ଓ ଏସ୍.କେ ଜମିର ପରିଚାଳନା କରିଥିବାବେଳେ ତରୁଣ ଅମ୍ପାୟାର ଓ ଏମ୍‌ଡ଼ି ଫେଜ୍ କମେଣ୍ଟ୍ରି ଦାୟିତ୍ୱ ନିର୍ବାହ କରିଥିଲେ।

## ପୂର୍ବତନ ଶିକ୍ଷକଙ୍କ ଶ୍ରାଦ୍ଧବାର୍ଷିକୀ



କିଶନନଗର,୧୬।୧୨(ସମିସ): କିଶନନଗର ତହସିଲ ଅନ୍ତର୍ଗତ ତରିତୋ ଗ୍ରାମର ପୂର୍ବତନ ଅବସରପ୍ରାପ୍ତ ଶିକ୍ଷକ ସ୍ୱର୍ଗତ ବୈଦ୍ୟନାଥ ଶତପଥୀଙ୍କ ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ତାଙ୍କ ତରିତୋସ୍ଥିତ ବାସଭବନରେ ପାଳିତ ହୋଇଯାଇଛି। ସେ କର୍ମମୟ ଜୀବନର ଶେଷ ପାହାଚରେ ବାଙ୍କୀ ବ୍ଲକରୁ ସ୍କୁଲ ଏସଆଇ ଭାବରେ ଅବସର ନେଇ ବହୁ ସାମାଜିକ ଅନୁଷ୍ଠାନ ସହ ଜଡିତ ରହିଥିଲେ। ପୁତ୍ର ଚିତ୍ତରଞ୍ଜନ, ଚିରରଞ୍ଜନ, ଜ୍ଞାନରଞ୍ଜନ, ଝିଅ, ନାତିନାତୁଣୀ ସହ ବନ୍ଧୁ ପରିବାରବର୍ଗ, ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ। ଆତ୍ମାର ସଦଗତି ପାଇଁ ପ୍ରାତଃ ସମୟରେ ତିଳତର୍ପଣ, ନାମ ସଂକୀର୍ତ୍ତନ, ଶ୍ରାଦ୍ଧ କର୍ମ ପ୍ରସାଦ ସେବନ ଆଦି ଅନୁଷ୍ଠିତ ହୋଇଯାଇଛି।

## ସର୍ବଭାରତୀୟ ଗଣ୍ଡରପୁର କପ୍ ଫୁଟ୍‌ବଲ

# ଫାଇନାଲରେ ଜଗା ୟୁନାଇଟେଡ୍

ନନ୍ଦନକାନନ/ବାରଙ୍ଗ,୧୬।୧୨(ସମିସ): ଉତ୍ତର ଭୁବନେଶ୍ୱର କଲ୍ୟାଣପୁର ପଞ୍ଚାୟତ ଗଣ୍ଡରପୁର କୁଆଖାଇ ନଦୀପଠା ବିଜୁପଟ୍ଟନାୟକ ମିନିଷ୍ଟାଡିୟମରେ ଚାଲିଥିବା ସର୍ବଭାରତୀୟ ଗଣ୍ଡରପୁର କପ ଫୁଟବଲ ଟୁର୍ଣ୍ଣାମେଣ୍ଟରେ ତୃତୀୟ ଦିବସରେ ସହରାଞ୍ଚଳ ବିଭାଗରେ ଭୁବନେଶ୍ୱର ଜଗା ୟୁନାଇଟେଡ ଫାଇନାଲକୁ ଯାଇଛି। ତୃତୀୟ ଦିନରେ ଅନୁଷ୍ଠିତ ମ୍ୟାଚ୍‌ଗୁଡ଼ିକରେ ସହରାଞ୍ଚଳ-୨ଟି, ଗ୍ରାମାଞ୍ଚଳ-ଏ ୪ଟି ଓ ଗ୍ରାମାଞ୍ଚଳ-ବିର ୪ଟି ମୋଟ ୧୦ଟି ଦଳ ଅଂଶଗ୍ରହଣ କରିଥିଲେ। ସହରାଞ୍ଚଳ ମ୍ୟାଚଟି ଓଡିଶା ପୁଲିସ ସହିତ ଜଗା ୟୁନାଇଟେଡ଼ ମଧ୍ୟରେ କଡା ସଂଘର୍ଷପୂର୍ଣ୍ଣ ହୋଇଥିଲା। ପ୍ରଥମାର୍ଦ୍ଧରେ ଜଗା ୟୁନାଇଟେଡ଼ ଏକ ଫିଲଡ ସ୍କୋର କରି ଆଗୁଆ ରହିଥିବାବେଳେ ଖେଳକୁ ସମାନ ସ୍ତରକୁ ଆଣିବା ପାଇଁ ଗୋଟିଏ ଗୋଲ ପିଛା ଦର୍ଶକ ଦରବାର ପକ୍ଷରୁ ୫ହଜାର ଟଙ୍କାର ଅର୍ଥରାଶି ଘୋଷଣା କରାଯାଇଥିଲା। ଓଡ଼ିଶା ପୁଲିସ ଦ୍ୱିତୀୟାର୍ଦ୍ଧରେ ଗୋଲଟି ପରିଶୋଧ କରି ମ୍ୟାଚକୁ ସମାନ ସ୍ତରକୁ ଆଣିଥିଲା। ଟାଇବ୍ରେକର ଜରିଆରେ ଜଗା ୟୁନାଇଟେଡ଼ ୫-୪ ଗୋଲରେ ବିଜୟ ହୋଇ ଫାଇନାଲ ଖେଳିବାକୁ ପ୍ରଥମ ଦଳ ଭାବେ ଜାଗା ପକ୍କା କରିଛି। ଗ୍ରାମାଞ୍ଚଳ 'ଏ'ଡିଭିଜନର ପ୍ରଥମ ମ୍ୟାଚରେ ମୁଣ୍ଡମୁହାଣ କ୍ଲବ ୨-୦ଗୋଲରେ ପୂରଣ କ୍ଲବକୁ ହରାଇ କ୍ୱାର୍ଟର ଫାଇନାଲ ଖେଳିବାର ସୁଯୋଗ ହାସଲ କରିଛି। ଦ୍ୱିତୀୟ ମ୍ୟାଚ ବେଲଗଛିଆ ସହିତ ପ୍ରତାପ ନଗରୀ ମଧ୍ୟରେ ଖେଳ ସଂଘର୍ଷପୂର୍ଣ୍ଣ ହୋଇଥିଲା। ଏଥିରେ ପ୍ରତାପନାଗରୀ ୩-୨ଗୋଲରେ ବେଲଗଛିଆକୁ ହରାଇ କ୍ୱାର୍ଟର ଫାଇନାଲ ଖେଳିବାର ସୁଯୋଗ ହାସଲ କରିଛି। ଗ୍ରାମାଞ୍ଚଳର-ବି'ରେ ଟାଙ୍ଗିବନ୍ତ ଟାଇବ୍ରେକର ଜରିଆରେ ୪-୩ ଗୋଲ ବଳରେ ଦେଉଳିକୁ ହରାଇ କ୍ୱାର୍ଟରକୁ ଉନ୍ନୀତ ହୋଇଛି। ଦ୍ୱିତୀୟ ମ୍ୟାଚରେ ବୋଧପୁର ୫-୩ ଟାଇବ୍ରେକର ଜରିଆରେ ଇସଲାମଚାନ୍ଦକୁ ହରାଇ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ମୁଖ୍ୟ ଅତିଥିଭାବେ ଶ୍ରୀମୟୀ ମିଶ୍ର, ସମ୍ମାନିତ ଅଥିତିଭାବେ ବାରଙ୍ଗ ଟ୍ରକ ଆସୋସିଏସନ ସଭାପତି ବିଜୟ ପଣ୍ଡା, ଭାସ୍କରଚନ୍ଦ୍ର ରାଉତ, ଜିତେନ୍ଦ୍ର ସେନାପତି, ମନୋଜ ଦାସ, କାଶୀନାଥ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ଏହି ମ୍ୟାଚଗୁଡିକୁ ରେଫରୀ ସୁଦୀପ୍ତ ଦାସ, ବ୍ରହ୍ମାନନ୍ଦ ଭୋଇ, ସଂଜୀବ ଦାସ, ଜ୍ୟୋତି ରଞ୍ଜନ ସ୍ୱାଇଁ ଓ ରାଜୁ ମହାନ୍ତି ପରିଚାଳନା କରିଥିବାବେଳେ ହାସ୍ୟ ଅଭିନେତା ରଙ୍କନିଧି ରାଉତ ଧାରା ବିବରଣୀ ଦେଇଥିଲେ।

### କ୍ୱାର୍ଟରକୁ ଗଲେ ଟାଙ୍ଗିବନ୍ତ, ବୋଧପୁର, ମୁଣ୍ଡମୁହାଁଣ, ପ୍ରତାପନଗରୀ



**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୯୧.୦୭ ● ପାଉଣ୍ଡ ୧୨୧.୦୪
- ୟୁରୋ ୧୦୬.୮୬ ● ୟେନ୍ ୦.୫୮

**ସୁନା, ରୁପା ଦର (ଟଙ୍କାରେ)**



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୧,୨୨,୮୫୦ (ନୂଆଦିଲ୍ଲୀ)
- ରୁପା : ୧,୯୩,୦୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୪,୬୭୯.୦୦
- ନିଫ୍ଟି ୨୫,୮୬୦.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



### ଟଙ୍କା ମୂଲ୍ୟରେ ସର୍ବକାଳୀନ ହ୍ରାସର ପ୍ରଭାବ

# ବିଗିଡ଼ିଲା ବଜାର ମୁଡ୍; ସେନ୍‌ସେକ୍ସ ୫୩୩ ପଏଣ୍ଟ ଖସିଲା



**ମୁମ୍ବଇ, ୧୬।୧୨(ଏଜେନ୍ସି):** ଭାରତୀୟ ମୁଦ୍ରା 'ଟଙ୍କା' ମୂଲ୍ୟରେ ହୋଇଛି ରେକର୍ଡ ହ୍ରାସ। ଆଜି ବଜାର କାରବାରରେ ଆମେରିକୀୟ ଡଲାର ତୁଳନାରେ ଟଙ୍କାର ବିନିମୟ ମୂଲ୍ୟ ପ୍ରଥମ ଥର ପାଇଁ ସର୍ବକାଳୀନ ରେକର୍ଡ ନିମ୍ନ ସ୍ତର ୯୧ ଟଙ୍କା ଅତିକ୍ରମ କରିଛି। ଟଙ୍କା ମୂଲ୍ୟରେ ଏହି ହ୍ରାସ ଘରୋଇ ପୁଞ୍ଜି ବଜାର ଉପରେ ପଡିଛି। ଏହାର ଫଳସ୍ୱରୂପ ବମ୍ବେ ଷ୍ଟକ ଏକ୍ସଚେଞ୍ଜ(ବିଏସ୍‌ଇ) ସେନ୍‌ସେକ୍ସରେ ୫୩୩ ପଏଣ୍ଟ ଏବଂ ନ୍ୟାସନାଲ ଷ୍ଟକ୍ ଏକ୍ସଚେଞ୍ଜ (ନିଫ୍‌ଟି) ରେ ୧୬୭ ପଏଣ୍ଟ ହ୍ରାସ ଘଟିଛି।

ମଙ୍ଗଳବାର ଏସୀୟ ବଜାର ଦୁର୍ବଳ ହେବା ମଧ୍ୟରେ ଭାରତୀୟ ଷ୍ଟକ ବଜାର ନିମ୍ନ ସ୍ତରରେ ବନ୍ଦ ହୋଇଛି। ବିଶ୍ୱ ବଜାରରେ ହ୍ରାସ ଘରୋଇ ବଜାର କାରବାରକୁ ମଧ୍ୟ ପ୍ରଭାବିତ କରିଛି। ଏଥିଯୋଗୁ ଭାରତୀୟ ଷ୍ଟକ୍ ବଜାରର ପ୍ରମୁଖ ବେଞ୍ଚମାର୍କ ସୂଚକାଙ୍କ ତଳମୁହାଁ ହୋଇଛି। ବିଦେଶୀ ନିବେଶକଙ୍କ ବିକ୍ରି ମଧ୍ୟରେ ଡଲାର ତୁଳନାରେ ଟଙ୍କା ର ବିନିମୟ ମୂଲ୍ୟରେ ନିରନ୍ତର ହ୍ରାସ ବଜାର ଭାବନାକୁ ନକାରାତ୍ମକ ଭାବରେ ପ୍ରଭାବିତ କରିଛି। ଏଥିଯୋଗୁ ଆଜିର କାରବାରରେ ଆର୍ଥିକ ଏବଂ ଧାତୁ କ୍ଷେତ୍ରର ଷ୍ଟକ୍‌ଗୁଡିକରେ ଅଧିକ ପ୍ରଫିଟ୍ ବୁକିଂ ବଜାରକୁ ତଳକୁ ଟାଣିନେଇଛି। ୩୦ ସେୟାର ବିଶିଷ୍ଟ ବମ୍ବେ ଷ୍ଟକ ଏକ୍ସଚେଞ୍ଜ ସେନସେକ୍ସରେ ଆଜି ୫୩୩.୫୦ ପଏଣ୍ଟ କିମ୍ବା ୦.୬୩ ପ୍ରତିଶତ ହ୍ରାସ ପାଇ ୮୪,୬୭୯ ପଏଣ୍ଟରେ ବନ୍ଦ ହୋଇଛି। ସେହିପରି, ନ୍ୟାସନାଲ ଷ୍ଟକ ଏକ୍ସଚେଞ୍ଜ ନିଫ୍‌ଟିରେ ୧୬୭.୨୦ ପଏଣ୍ଟ କିମ୍ବା ୦.୬୪ ପ୍ରତିଶତ ହ୍ରାସ ପାଇ ତାହା ୨୫,୮୬୦ ପଏଣ୍ଟରେ ବନ୍ଦ ହୋଇଛି।

ଆଜିର କାରବାରରେ ସେନ୍‌ସେକ୍ସ କମ୍ପାନୀଗୁଡ଼ିକ ମଧ୍ୟରେ, ଆକ୍ସିସ୍ ବ୍ୟାଙ୍କ ଏବଂ ଇଟର୍ନାଲ୍ ସର୍ବାଧିକ ୫ ପ୍ରତିଶତ ପର୍ଯ୍ୟନ୍ତ କ୍ଷତି ସହିଛନ୍ତି। ଏଚ୍‌ସିଏଲ୍ ଟେକ୍ନୋଲୋଜି, ଟାଟା ଷ୍ଟିଲ୍, ବଜାଜ୍ ଫିନସର୍ଭ, ଅଲ୍ଟ୍ରାଟେକ୍ ସିମେଣ୍ଟସ, ବଜାଜ୍ ଫାଇନାନ୍ସ ଏବଂ ଏନ୍‌ଟିପିସି ମଧ୍ୟ ୧ ପ୍ରତିଶତରୁ ଅଧିକ ହ୍ରାସ ପାଇଛି। କାରବାର ମଧ୍ୟରେ ନିଫ୍ଟି ମିଡକ୍ୟାପ୍ ୦.୮୩ ପ୍ରତିଶତ ହ୍ରାସ ପାଇଥିଲା, ଯେତେବେଳେ ସ୍ମଲକ୍ୟାପ୍ ସୂଚକାଙ୍କ ୦.୯୨ ପ୍ରତିଶତ ହ୍ରାସ ପାଇଥିଲା। କ୍ଷେତ୍ରଭିତ୍ତିକ ଦେଖିଲେ, ନିଫ୍ଟି ରିଅଲ୍ଟି ଏବଂ ନିଫ୍ଟି ପ୍ରାଇଭେଟ୍ ବ୍ୟାଙ୍କ ୧ ପ୍ରତିଶତରୁ ଅଧିକ ହ୍ରାସ ପାଇଥିଲା। ଏହା ପରେ ପିଏସୟୁ ବ୍ୟାଙ୍କ ସୂଚକାଙ୍କ ୦.୮୯ ପ୍ରତିଶତ ହ୍ରାସ ପାଇଥିଲା ଏବଂ ନିଫ୍ଟି ଆଇଟି ସୂଚକାଙ୍କ ୦.୮୪ ପ୍ରତିଶତ ହ୍ରାସ ପାଇଥିଲା।

ୱାଲ ଷ୍ଟ୍ରିଟ୍‌ରେ ହ୍ରାସ ଯୋଗୁଁ ମଙ୍ଗଳବାର ଏସୀୟ ଷ୍ଟକ୍ ବଜାରରେ କାରବାର ନିମ୍ନମୁଖୀ ହୋଇଥିଲା। ନିବେଶକମାନେ ଆମେରିକୀୟ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ସମ୍ବନ୍ଧୀୟ ଷ୍ଟକ୍‌ରୁ ଟଙ୍କା ଉଠାଇବା ଜାରି ରଖିଥିଲେ। ଜାପାନର ନିକେଇ ୨୨୫ ସୂଚକାଙ୍କ ୧.୨୭ ପ୍ରତିଶତ ହ୍ରାସ ପାଇଛି। ଦକ୍ଷିଣ କୋରିଆର କୋସ୍ପି କ୍ରମାଗତ ଭାବେ ଦ୍ୱିତୀୟ ଅଧିବେଶନ ପାଇଁ ୦.୭୫ ପ୍ରତିଶତ ହ୍ରାସ ପାଇଛି। ଆମେରିକାର ଡାଓ ଜୋନ୍ସ ଇଣ୍ଡଷ୍ଟ୍ରିଆଲ୍ ଆଭରେଜ ସାମାନ୍ୟ ୦.୦୯ ପ୍ରତିଶତ ହ୍ରାସ ପାଇଥିବାବେଳେ ଟେକ୍ ଷ୍ଟକ୍ ଅନ୍ତର୍ଭୁକ୍ତ ନାସଡାକ୍ କମ୍ପୋଜିଟ୍ ଇଣ୍ଡେକ୍ସ ୦.୫୯ ପ୍ରତିଶତ ହ୍ରାସ ପାଇ ବନ୍ଦ ହୋଇଛି।

## ହସ୍ତକ୍ଷେପ କରିପାରେ ଆର୍‌ବିଆଇ

**ନୂଆଦିଲ୍ଲୀ,୧୬।୧୨(ଏଜେନ୍ସି):** ଏସୀୟ ବଜାରରେ ଗତିଶୀଳତା ସତ୍ତ୍ୱେ ଟଙ୍କା ମୂଲ୍ୟ ବାରମ୍ବାର ନୂତନ ରେକର୍ଡ ସର୍ବନିମ୍ନ ସ୍ତରରେ ପହଞ୍ଚିଛି। ଏହାକୁ ନେଇ କେନ୍ଦ୍ରୀୟ ବ୍ୟାଙ୍କ (ଆର୍‌ବିଆଇ) ଠାରୁ ଅଧିକ କଠୋର କାର୍ଯ୍ୟାନୁଷ୍ଠାନ ଏବେ ବ୍ୟାଙ୍କିଙ୍ଗ ସର୍କଲରେ ଆଶା ସୃଷ୍ଟି କରିଛି। ଡଲାର ପ୍ରବାହ ଅସନ୍ତୁଳନ, ଆମେରିକା-ଭାରତ ବାଣିଜ୍ୟ ଚୁକ୍ତିର ଅଭାବ ଏବଂ ନିବେଶକଙ୍କ ସତର୍କତା ଦ୍ୱାରା ଏହି ଦୁର୍ବଳତା ଆହୁରି ବଢ଼ିଯାଇଛି। ଆମଦାନୀକାରୀମାନେ ପୂର୍ବରୁ ସେମାନଙ୍କର ସ୍ଥିତିକୁ ହେଜିଂ କରୁଛନ୍ତି ଏବଂ ବିଦେଶୀ ନିବେଶକମାନେ ଭାରତୀୟ ଷ୍ଟକ ବଜାରରେ ସତର୍କ ରହିଛନ୍ତି, ଯାହା ମୁଦ୍ରା ଉପରେ ନିରନ୍ତର ଚାପ ପକାଉଛି। ମଙ୍ଗଳବାର ଦିନମାନର କାରବାର ମଧ୍ୟରେ ଟଙ୍କା ମୂଲ୍ୟରେ ୩୬ ପଇସା ହ୍ରାସ ପାଇ ପ୍ରଥମ ଥର ପାଇଁ ଆମେରିକୀୟ ଡଲାର ତୁଳନାରେ ୯୧ ସ୍ତର ଅତିକ୍ରମ କରିଥିଲା। ସକାଳ ୧୧ଟା ୪୫ରେ ଡଲାର ତୁଳନାରେ ଟଙ୍କା ୯୧.୧୪ରେ କାରବାର କରୁଥିଲା, ଯାହା ଏହାର ପୂର୍ବ ବନ୍ଦ ତୁଳନାରେ ୩୬ ପଇସା ହ୍ରାସ ପାଇଥିଲା। ବିଦେଶୀ ସଂସ୍ଥାଗତ ନିବେଶକ (ଏଫ୍‌ଆଇଆଇ)ଙ୍କ ଦ୍ୱାରା ଜାରି ବିକ୍ରି ଏବଂ ଭାରତ-ଆମେରିକା ବାଣିଜ୍ୟ ଚୁକ୍ତି ସମ୍ପର୍କରେ ସ୍ପଷ୍ଟତାର ଅଭାବ ଟଙ୍କା ଉପରେ ଚାପ ପକାଇ ବଢ଼ାଇଛି। ଗତ ୧୦ଟି ବାଣିଜ୍ୟ ଅଧିବେଶନରେ ଟଙ୍କା ପ୍ରତି ଡଲାର ୯୦ରୁ ୯୧ ସ୍ତରକୁ ଖସି ଆସିଛି। କେବଳ ଗତ ୫ଟି ଅକାରବାର ଦିବସରେ ଟଙ୍କା ମୂଲ୍ୟ ୧ ପ୍ରତିଶତ ହ୍ରାସ ପାଇଛି।

# ଗୃହ ଋଣ ସୁଧ ହାର କମାଇଲା ଏସ୍‌ବିଆଇ

**ମୁମ୍ବଇ, ୧୬।୧୨ (ଏଜେନ୍ସି):** ସମ୍ପ୍ରତି ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ଏହାର ରେପୋ ହାର ୫.୫୦%୫.୨୫%କୁ ହ୍ରାସ କରିଛି। ଏହା ପରେ ବ୍ୟାଙ୍କଗୁଡ଼ିକ ମଧ୍ୟ ଏଫ୍‌ଡି ଏବଂ ଋଣ ଉପରେ ସୁଧ ହାର ହ୍ରାସ କରିବା ଆରମ୍ଭ କରିଛନ୍ତି। ପୂର୍ବରୁ, ଏଚ୍‌ଡିଏଫ୍‌ସି ବ୍ୟାଙ୍କ ଏବଂ ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ ସମେତ ୫ଟି ପ୍ରମୁଖ ବ୍ୟାଙ୍କ ଗୃହ ଋଣ ସୁଧ ହାରକୁ ୦.୨୫% ପର୍ଯ୍ୟନ୍ତ ହ୍ରାସ କରିଥିଲେ। ସୁଧ ହାର ଗ୍ରାହକଙ୍କ କ୍ରେଡିଟ୍ ସ୍କୋର ସମେତ ଅନେକ କାରଣ ଉପରେ ନିର୍ଭର କରେ। ଗ୍ରାହକ ଯେଉଁ ସୁଧ ହାରରେ ଗୃହ ଋଣ ପାଇବେ ତାହା ତାଙ୍କର କ୍ରେଡିଟ୍ ସ୍କୋର, ଋଣ-ପ୍ରତି-ମୂଲ୍ୟ ଅନୁପାତ, ଋଣ ପରିମାଣ ଏବଂ କାର୍ଯ୍ୟକାଳ ଭଳି କାରଣ ଉପରେ ନିର୍ଭର କରେ। ଏହି କ୍ଷେତ୍ରରେ ଧରାଯାଉ ଜଣଙ୍କର ଗୃହ ଋଣ ସୁଧ ହାର ୮% ଥିଲା, ଯାହା ୦.୨୫% ହ୍ରାସ ପରେ ୭.୭୫% କୁ ହ୍ରାସ ପାଇବ।

ସୁଧହାରରେ ଏହି ହ୍ରାସ ପରେ ୨୦ ଲକ୍ଷ ଟଙ୍କାର ୨୦ ବର୍ଷର ଋଣର ଇଏମ୍‌ଆଇ ୩୧୦ ଟଙ୍କା ଯାଏ ହ୍ରାସ ପାଇବ। ସେହିପରି, ୩୦ ଲକ୍ଷ ଟଙ୍କାର ଋଣର ଇମ୍‌ଆଇ ୪୬୫ ଟଙ୍କା ଯାଏ ହ୍ରାସ ପାଇବ। ଏଥିରେ ନୂତନ ଏବଂ ପୂର୍ବରୁ ଥିବା ଗ୍ରାହକ ଉଭୟ ଉପକୃତ ହେବେ। ଯଦି ଜଣେ ନୂତନ ଗୃହ ଋଣ ନେଉଛନ୍ତି, ତେବେ ତାଙ୍କୁ ଏବେ କମ୍ ସୁଧ ଦେବାକୁ ପଡିବ। ଉଦାହରଣ ସ୍ୱରୂପ, ଏସ୍‌ବିଆଇ ନୂତନ ଗୃହ ଋଣ ସୁଧ ହାର, ଯାହା ପୂର୍ବରୁ ୭.୫୦% ରୁ ଆରମ୍ଭ ହୋଇଥିଲା, ତାହା ବର୍ତ୍ତମାନ ପ୍ରାୟ ୭.୨୫% କୁ ହ୍ରାସ ପାଇବ। ଯେଉଁମାନଙ୍କର ପୂର୍ବରୁ ଆର୍‌ଏଲ୍‌ଏଲ୍‌ଆର୍ ସହିତ ଏକ ଫ୍ଲୋଟିଂ ହାର ଗୃହ ଋଣ ଲିଙ୍କ୍ ଅଛି, ପରବର୍ତ୍ତୀ ପୁନଃସେଟ୍ ଅବଧିରେ ସେମାନଙ୍କର ସୁଧ ହାର ମଧ୍ୟ ହ୍ରାସ ପାଇବ। ଏହା

**ସୁଧ ହାରରେ ୦.୨୫% କାଟ୍ କଲା ବ୍ୟାଙ୍କ**

ସେମାନଙ୍କର ଇଏମ୍‌ଆଇ ହ୍ରାସ କରିବ କିମ୍ବା ଋଣ ଅବଧିକୁ ହ୍ରାସ କରିବ। ଯଦି ଋଣ ଏକ ସ୍ଥିର ହାର ସହିତ ଲିଙ୍କ୍ କରାଯାଏ, ତେବେ ଏହି ଲାଭ ଉପଲବ୍ଧ ହେବନାହିଁ। ଯଦି ରେପୋ ହାର ହ୍ରାସ ପାଏ, ତେବେ ଆର୍‌ଏଲ୍‌ଏଲ୍‌ଆର୍ ମଧ୍ୟ ହ୍ରାସ ପାଏ। ବ୍ୟାଙ୍କଗୁଡ଼ିକ ଆର୍‌ଏଲ୍‌ଏଲ୍‌ଆର୍ ଉପରେ ଆଧାର କରି ସେମାନଙ୍କର ଋଣ ସୁଧ ହାର ନିର୍ଣ୍ଣୟ କରନ୍ତି। ଆର୍‌ବିଆଇ ନିୟମ ଅନୁଯାୟୀ, ଫ୍ଲୋଟିଂ ରେଟ୍ ଋଣଗୁଡ଼ିକୁ ରେପୋ ହାର ଉପରେ ଆଧାର କରି ସମୟ ସମୟରେ ପୁନଃସେଟ୍ କରିବାକୁ ପଡିବ। ଏହାର ଅର୍ଥ ହେଉଛି ଯେଉଁମାନେ ପୂର୍ବରୁ ଋଣ ନେଇଛନ୍ତି ସେମାନେ ସ୍ୱୟଂଚାଳିତ ଭାବରେ ସୁଧ ହାର ହ୍ରାସ ପାଇବ। କାରଣ ବ୍ୟାଙ୍କକୁ ଗ୍ରାହକଙ୍କୁ ରେପୋ ହାର ହ୍ରାସର ଲାଭ ଦେବାକୁ ପଡିବ।

# ଏଲନ୍ ମସ୍କଙ୍କ ସମ୍ପତ୍ତି ୬୦୦ ବିଲିୟନ୍ ଡଲାର ପାର୍



**ୱାଶିଂଟନ୍, ୧୬।୧୨ (ଏଜେନ୍ସି):** ବିଶ୍ୱର ସବୁଠାରୁ ଧନୀ ବ୍ୟକ୍ତି ଏଲନ୍ ମସ୍କଙ୍କ ସମ୍ପତ୍ତି ପ୍ରଥମ ଥର ପାଇଁ ୬୦୦ ବିଲିୟନ (୫୪.୬୦ ଲକ୍ଷ କୋଟି ଟଙ୍କା) ଅତିକ୍ରମ କରିଛି। ମସ୍କ ଏହି ସଫଳତା ହାସଲ କରିବାରେ ବିଶ୍ୱର ପ୍ରଥମ ବ୍ୟକ୍ତି ହୋଇଛନ୍ତି। ପୂର୍ବରୁ, ଅକ୍ଟୋବର ପହିଲାରେ ମସ୍କଙ୍କ ସମ୍ପତ୍ତି ୫୦୦ ବିଲିୟନ (୪୫.୫୦ ଲକ୍ଷ କୋଟି ଟଙ୍କା)ରେ ପହଞ୍ଚିଥିଲା। ସ୍ପେସ୍‌ଏକ୍ସର ବଜାର ମୂଲ୍ୟ ୮୦୦ ବିଲିୟନ ଡଲାର(୭୨.୮୦ ଲକ୍ଷ କୋଟି) ମୂଲ୍ୟାଙ୍କନ ଏବଂ ଏହାର ଆଇପିଓ ସମ୍ପର୍କିତ ଖବର ଆସିବା ପରେ, ମସ୍କଙ୍କ ସମ୍ପତ୍ତି ଗୋଟିଏ ଦିନରେ ପ୍ରାୟ ୧୬୮ ବିଲିୟନ ଡଲାର (15 ଲକ୍ଷ କୋଟି) ବୃଦ୍ଧି ପାଇଛି। ଏହା ଭାରତର ଦୁଇ ସବୁଠାରୁ ଧନୀ ବ୍ୟକ୍ତି ମୁକେଶ ଅମ୍ବାନୀ ଏବଂ ଗୌତମ ଆଦାନୀଙ୍କ ସମ୍ପତ୍ତି ମୂଲ୍ୟ ସହିତ ପ୍ରାୟ ସମାନ, ଯାହାଙ୍କ ଉଭୟଙ୍କର ସମ୍ପତ୍ତି ମୂଲ୍ୟ ୧୦ ଲକ୍ଷ କୋଟି ଟଙ୍କା। ମସ୍କଙ୍କ ମୋଟ ସମ୍ପତ୍ତି ମୂଲ୍ୟ ବର୍ତ୍ତମାନ ପ୍ରାୟ ୬୩୮ ବିଲିୟନ ଡଲାର (୫୮ ଲକ୍ଷ କୋଟି ଟଙ୍କା) ରହିଛି। ଇନ୍‌ସାଇଡର ଅଂଶଧନ ବିକ୍ରି ପରେ, ସ୍ପେସ୍‌ଏକ୍ସ ଏବେ ବିଶ୍ୱର ସବୁଠାରୁ ମୂଲ୍ୟବାନ ଘରୋଇ କମ୍ପାନୀ ପାଲଟିଛି। ମସ୍କ ସ୍ପେସ୍‌ଏକ୍ସର ପ୍ରତିଷ୍ଠାତା ଏବଂ ସିଇଓ।

ଏକ ରିପୋର୍ଟ ଅନୁଯାୟୀ, କମ୍ପାନୀ ଭିତରେ ଅଂଶଧନ ବିକ୍ରି ସ୍ପେସ୍‌ଏକ୍ସର ମୋଟ ମୂଲ୍ୟ ୮୦୦ ବିଲିୟନ ଡଲାରକୁ ନେଇଛି। ମସ୍କ ସ୍ପେସ୍‌ଏକ୍ସର ପ୍ରାୟ ୪୨% ଅଂଶଧନ ରଖିଛନ୍ତି। ଯଦି କମ୍ପାନୀ ୮୦୦ ବିଲିୟନ ଡଲାର ମୂଲ୍ୟରେ ଆମେରିକା ଷ୍ଟକ୍ ବଜାରରେ ତାଲିକାଭୁକ୍ତ ହୁଏ, ତେବେ କେବଳ ମସ୍କଙ୍କ ଅଂଶଧନର ମୂଲ୍ୟ ୩୩୬ ବିଲିୟନ ଡଲାରରୁ ଅଧିକ ବୃଦ୍ଧି ପାଇପାରେ। ଫୋର୍ବସ୍ କହିଛି ଯେ ଯଦି ଏହା ହୁଏ, ତେବେ ମସ୍କ ବିଶ୍ୱର ପ୍ରଥମ ଟ୍ରିଲିୟନିୟର ହୋଇପାରିବେ, ଯଦିଓ ଏହା ଏକ ସଫଳ ଆଇପିଓ ଲିଷ୍ଟିଂ ଉପରେ ନିର୍ଭର କରୁଛି। ସମ୍ପ୍ରତି ମୁକେଶ ଅମ୍ବାନୀଙ୍କ ପରିବାର ହୁରୁନ୍ ଇଣ୍ଡିଆର ଭାରତର ସବୁଠାରୁ ଧନୀ ବ୍ୟକ୍ତିଙ୍କ ତାଲିକାରେ ଶୀର୍ଷରେ ରହିଛି। ତାଙ୍କର ସମ୍ପତ୍ତି ମୂଲ୍ୟ ୯.୫୫ ଲକ୍ଷ କୋଟି ଟଙ୍କା। ଗୌତମ ଆଦାନୀ ଏବଂ ତାଙ୍କ ପରିବାରର ସମ୍ପତ୍ତି ମୂଲ୍ୟ ୮.୧୫ ଲକ୍ଷ କୋଟି ଟଙ୍କାର ସମ୍ପତ୍ତି ସହିତ ଦ୍ୱିତୀୟ ସ୍ଥାନରେ ରହିଛି।

### ଆଦାନୀ-ଅମ୍ବାନୀଙ୍କ ସମ୍ପତ୍ତି ଯେତିକି ଦିନକରେ ସେତିକି ବଢ଼ିଛି ଟେସ୍‌ଲା ମୁଖ୍ୟଙ୍କ ଧନ

### ଗୋଟିଏ ଦିନରେ ସମ୍ପତ୍ତିରେ ୧୬୮ ବିଲିୟନ୍ ଡଲାର ବୃଦ୍ଧି

## ଏଫଏଆଇରର ବାର୍ଷିକ ସେମିନାର ଉଦ୍‌ଯାପିତ

**ଭୁବନେଶ୍ୱର,୧୬।୧୨(ସମିସ):** ସାର, ନୀତି ସଂସ୍କାର, ପୁଷ୍ଟିକର ପରିଚାଳନା, ସବୁଜ ଉତ୍ପାଦନ ପ୍ରଯୁକ୍ତିବିଦ୍ୟା ଏବଂ ଡିଜିଟାଲ୍ ମାର୍କେଟିଂ ନବସୃଜନକୁ ଆଗେଇ ନେବା ଉପରେ କେନ୍ଦ୍ରିତ ତିନି ଦିନିଆ ଆଲୋଚନା ପରେ ଫର୍ଟିଲାଇଜର ଆସୋସିଏସନ୍ ଅଫ୍ ଇଣ୍ଡିଆ (ଏଫଏଆଇ) ନୂଆଦିଲ୍ଲୀରେ ଏହାର ୬୧ତମ ବାର୍ଷିକ ସେମିନାର ୨୦୨୫ ସମାପ୍ତ ହୋଇଛି। ଏହି ସେମିନାର ଦେଶର ପୁଷ୍ଟିକର ଭବିଷ୍ୟତ ପାଇଁ ଏକ ସାମୂହିକ ରୋଡମ୍ୟାପ୍ ଗଠନ କରିବା ପାଇଁ ବରିଷ୍ଠ ସରକାରୀ ଅଧିକାରୀ, ଆନ୍ତର୍ଜାତୀୟ ବିଶେଷଜ୍ଞ, ଶିଳ୍ପ ନେତୃବର୍ଗ, ବୈଜ୍ଞାନିକ ଏବଂ କୃଷକ ପ୍ରତିନିଧିମାନଙ୍କୁ ଏକତ୍ର କରିଥିଲା। ଏଫଏଆଇରର ଅଧ୍ୟକ୍ଷ ଏବଂ କୋରୋମଣ୍ଡଲେଲ୍ ଇଣ୍ଟର ନ୍ୟାସନାଲ୍ ଲିମିଟେଡ୍‌ର ଏମ୍‌ଡି ଏବଂ ସିଇଓ ଏସ. ଶଙ୍କରସୁବ୍ରମଣ୍ୟମ୍ କହିଛନ୍ତି, ଏକ ସବୁଜ ଭବିଷ୍ୟତ ଆଡ଼କୁ ଆମର ଯାତ୍ରା ସ୍ମାର୍ଟ,ଦାୟିତ୍ୱପୂର୍ଣ୍ଣ ସାର ବ୍ୟବହାର ସହିତ ଆରମ୍ଭ ହୋଇଥାଏ। ସାର ଶିଳ୍ପ ଘରୋଇ କ୍ଷମତାକୁ ସୁଦୃଢ଼ କରିବା, ସନ୍ତୁଳିତ ଏବଂ ସଠିକ୍ ପୁଷ୍ଟିକର ପ୍ରୟୋଗକୁ ପ୍ରୋତ୍ସାହିତ କରିବା ଏବଂ ଚାଷୀମାନଙ୍କୁ ଉନ୍ନତ ପ୍ରଯୁକ୍ତିବିଦ୍ୟାର ସମୟୋଚିତ ପ୍ରବେଶ ସୁନିଶ୍ଚିତ କରିବା ପାଇଁ କାର୍ଯ୍ୟ କରୁଛି।

## ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର ୧୧୫ ତମ ପ୍ରତିଷ୍ଠା ଦିବସରେ ୱାକାଥନ୍




**ଭୁବନେଶ୍ୱର,୧୬।୧୨(ସମିସ) :** ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ପକ୍ଷରୁ ଏହାର ୧୧୫ତମ ପ୍ରତିଷ୍ଠା ଦିବସ ପାଳନ ଅବସରରେ କର୍ମଚାରୀ ଏବଂ ସମାଜର ସୁସ୍ଥତା ପ୍ରତି ନିଜର ପ୍ରତିବଦ୍ଧତାକୁ ସୁନିଶ୍ଚିତ କରି ବ୍ୟାଙ୍କ ତରଫରୁ ଦେଶବ୍ୟାପୀ ୱାକାଥନ୍‌ର ଆୟୋଜନ କରାଯାଇଥିଲା। ଏହି ୱାକାଥନ୍‌ର ବିଷୟବସ୍ତୁ 'ଫିଟ୍ ରୁହନ୍ତୁ-ସୁସ୍ଥ ରୁହନ୍ତୁ' ରହିଥିଲା। ଏହି ଉପଲକ୍ଷେ ବ୍ୟାଙ୍କର ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ ମଧ୍ୟ ଏକ ୱାକାଥନ୍‌ର ଆୟୋଜନ କରାଯାଇଥିଲା ଯେଉଁଥିରେ ବହୁସଂଖ୍ୟାରେ ବ୍ୟାଙ୍କର କର୍ମଚାରୀମାନେ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ବ୍ୟାଙ୍କର ଭୁବନେଶ୍ୱର କ୍ଷେତ୍ରର କ୍ଷେତ୍ରୀୟ ମୁଖ୍ୟ ପଙ୍କଜ କୁମାର, ଉପ-କ୍ଷେତ୍ରୀୟ ମୁଖ୍ୟ ସୁରେଶ ଚନ୍ଦ୍ରଙ୍କ ସମେତ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀଗଣ ଉପସ୍ଥିତ ଥିଲେ।

## 'ପିଏମ୍ ଇଡ୍ରାଇଭ୍ ଫେମ୍-୨' ଗାଡ଼ି ପାଇଁ ଅଧା ସବ୍‌ସିଡି

**ନୂଆଦିଲ୍ଲୀ, ୧୬।୧୨(ଏଜେନ୍ସି):** ସମ୍ପ୍ରତି ଭାରତର ବୈଦ୍ୟୁତିକ ଯାନ (ଇଭି) ନୀତି ଏକ ନୂତନ ପର୍ଯ୍ୟାୟରେ ପ୍ରବେଶ କରିଛି। ପିଏମ୍ ଇଡ୍ରାଇଭ୍ ଯୋଜନା ଫେମ୍-୨ ତୁଳନାରେ ପ୍ରତି ଯାନ ପାଇଁ ଅଧା ସବ୍‌ସିଡି ପ୍ରଦାନ କରୁଥିବାବେଳେ ଏହାର ପ୍ରଥମ ବର୍ଷରେ ୧.୧୩ ନିୟୁତ ଇଭି ପ୍ରଦାନ କରିଛି, ଯାହା ବଜାର ସକ୍ରିୟକରଣରୁ ସିଷ୍ଟମ-ବ୍ୟାପୀ ଏକୀକରଣକୁ ଏକ ନିର୍ଣ୍ଣାୟକ ପରିବର୍ତ୍ତନର ସଙ୍କେତ ଦେଉଛି। ଶକ୍ତି, ପରିବେଶ ଏବଂ ଜଳ ପରିଷଦ (ସିଇଇଡବ୍ଲ୍ୟୁ) ର ସବୁଜ ଆର୍ଥିକ କେନ୍ଦ୍ର ଦ୍ୱାରା ପ୍ରକାଶିତ ଏକ ନୂତନ ସ୍ୱାଧୀନ ଅଧ୍ୟୟରେ ଏହା କୁହାଯାଇଛି। ଏଥିରେ ପ୍ରତି ୟୁନିଟ୍ ଚାହିଦା ପ୍ରୋତ୍ସାହନ ରାଶି ୫୦୦୦ ଟଙ୍କା/କେଡବ୍ଲ୍ୟୁଏଚ୍‌କୁ ଅଧା କରିବା ସତ୍ତ୍ୱେ ପିଏମ୍ ଇଡ୍ରାଇଭ୍ ଯୋଜନା ଫେମ୍-୨ ତୁଳନାରେ ୩.୪ ଗୁଣ ଅଧିକ ବାର୍ଷିକ ଇଭି ପରିମାଣ ସକ୍ଷମ କରିଛି। କମ୍ ସବସିଡି ସହିତ ଏହି ଦ୍ରୁତ ଅଭିବୃଦ୍ଧି ଏହା ମଧ୍ୟ ଦର୍ଶାଉଛି ଯେ ଭାରତର ଇଭିସ୍ଥାନ ପରିପକ୍ୱ, ସ୍ଥିର ଏବଂ ଅର୍ଥନୀତିରେ ଦୀର୍ଘକାଳୀନ ସମନ୍ୱୟ ପାଇଁ ପ୍ରସ୍ତୁତ।

ଭାରତର ଅଟୋମୋଟିଭ୍ କ୍ଷେତ୍ର ଜିଡିପିରେ ୭.୧ ପ୍ରତିଶତ ଯୋଗଦାନ ଏବଂ ୩୦ ନିୟୁତରୁ ଅଧିକ ନିଯୁକ୍ତିକୁ ସମର୍ଥନ କରୁଛି। ଆର୍ଥିକ ବର୍ଷ ୨୦ ଠାରୁ ଭି ବିକ୍ରି ୧୫ ଗୁଣ ବୃଦ୍ଧି ପାଇଛି, ଆର୍ଥିକ ବର୍ଷ ୨୦୧୫ରେ ମାତ୍ର ୨୦୦୦ ୟୁନିଟ୍ ରୁ ବୃଦ୍ଧି ପାଇ ୨୦୨୫ ଆର୍ଥିକବର୍ଷରେ ପ୍ରାୟ ୧.୯୬ ନିୟୁତ ୟୁନିଟ୍ ହୋଇଛି, ଯାହା ମୋଟ ଭି ଏଣ୍ଟ୍ରିକୁ ୭.୪୯ ପ୍ରତିଶତକୁ ନେଇଛି। ସିଇଇଡବ୍ଲ୍ୟୁ –ଜିଏଫ୍‌ସି ବିଶ୍ଳେଷଣ ଏହା ମଧ୍ୟ ଦର୍ଶାଏ ଯେ ଭାରତର ଇଭି ବଜାର ଗଠନଗତ ଭାବରେ ବିକଶିତ ହୋଇଛି। ପ୍ରାରମ୍ଭିକି ଭି ଗ୍ରହଣ (୨୦୨୦-୨୧) ଇ-ରିକ୍ସା ଦ୍ୱାରା ପ୍ରାଧାନ୍ୟ ବିସ୍ତାର କରିଥିଲା, କିନ୍ତୁ ଅଭିବୃଦ୍ଧି ଇଞ୍ଜିନ ପରିବର୍ତ୍ତନ ହୋଇଛି। ୨୦୨୨ ଆର୍ଥିକବର୍ଷରୁ ଇଲେକ୍ଟ୍ରିକ୍ ଦୁଇଚକିଆ ଯାନ ବୃଦ୍ଧି ପାଇଛି ଏବଂ ୨୦୨୫ ଆର୍ଥିକବର୍ଷ ସୁଦ୍ଧା ୧.୧୫ ନିୟୁତରୁ ଅଧିକ ୟୁନିଟ୍ ବିକ୍ରି ସହିତ ସର୍ବବୃହତ ଇଭି ସେଗମେଣ୍ଟ ହୋଇଗଲା।

## ବେଦାନ୍ତ ଆଲୁମିନିୟମ ପକ୍ଷରୁ ବାର୍ଷିକ ଖଣି ସୁରକ୍ଷା ପକ୍ଷ



**ଭୁବନେଶ୍ୱର, ୧୬।୧୨ (ସମିସ):** ବେଦାନ୍ତ ଆଲୁମିନିୟମ ଓଡ଼ିଶାର ଜାମଖାନୀ କୋଇଲା ଖଣିରେ ଡିସେମ୍ବର ୨ ରୁ ୧୫ ପର୍ଯ୍ୟନ୍ତ ବାର୍ଷିକ ଖଣି ସୁରକ୍ଷା ପକ୍ଷ (ଏଏମ୍‌ଏସ୍‌ଏଫ୍)ର ଆୟୋଜନ କରି ସୁରକ୍ଷିତ ଖନନ କାର୍ଯ୍ୟ ପ୍ରତି ନିଜର ପ୍ରତିବଦ୍ଧତାକୁ ଦୋହରାଇଛି। ଖଣି ସୁରକ୍ଷା ମହାନିର୍ଦ୍ଦେଶାଳୟ (ଡିଜିଏମଏସ) ସହଯୋଗରେ ଆୟୋଜିତ କାର୍ଯ୍ୟକ୍ରମରେ ୬୦୦ ରୁ ଅଧିକ କର୍ମଚାରୀ, ବ୍ୟବସାୟିକ ସହଯୋଗୀ ଏବଂ ଶ୍ରମିକଙ୍କ ଉତ୍ସାହଜନକ ଅଂଶଗ୍ରହଣ ଦେଖିବାକୁ ମିଳିଥିଲା। କାର୍ଯ୍ୟସ୍ଥଳରେ ନିରାପତ୍ତା ଉପରେ ଗୁରୁତ୍ୱାରୋପ କରି କାର୍ଯ୍ୟକ୍ରମଟି;ଆପକା ପରିବାର ଆପକା ଇନ୍ତେଜାର କର ରହା ହୈ ବିଷୟବସ୍ତୁ ଉପରେ ଧ୍ୟାନ ଦେଇଥିଲା। ଏହି ବିଷୟବସ୍ତୁ ଅନୁରୂପ ସୁରକ୍ଷା ଯାଞ୍ଚ, ସୁରକ୍ଷା କୁଇଜ୍, ପ୍ରାଥମିକ ଚିକିତ୍ସା ପ୍ରଦର୍ଶନ, ମକ୍ ଡ୍ରିଲ୍, ସଚେତନତା ଅଧିବେଶନ, ପଥପ୍ରାନ୍ତ ନାଟକ ଏବଂ ସୁରକ୍ଷା ଆଲୋଚନା ସମେତ ଅନେକ କାର୍ଯ୍ୟକଳାପ ହାତକୁ ନିଆଯାଇଥିଲା, ଯେଉଁଥିରେ କାର୍ଯ୍ୟସ୍ଥଳୀରେ ସୁରକ୍ଷା ଉପରେ ସମସ୍ତ ଅଂଶୀଦାରଙ୍କୁ ଅର୍ଥପୂର୍ଣ୍ଣ ଆଲୋଚନାରେ ସାମିଲ କରାଯାଇଥିବା ବେଦାନ୍ତ ଆଲୁମିନିୟମର ସିଇଓ ରାଜୀବ କୁମାର କହିଛନ୍ତି।

# ପ୍ରତ୍ୟର୍ପଣ ରୋକିବାକୁ ନୀରବ ମୋଦୀଙ୍କ ନୂଆ ଅପିଲ୍

### ୬,୫୦୦ କୋଟିର ପିଏନ୍‌ବି ଠକେଇ ମାମଲାରେ ଭାରତ ଫେରିବାକୁ ଚାହୁଁନାହାଁନ୍ତି ନୀରବ

**ନୂଆଦିଲ୍ଲୀ,୧୬।୧୨(ଏଜେନ୍ସି):** ପଳାତକ ହୀରା ବ୍ୟବସାୟୀ ନୀରବ ମୋଦୀ ତାଙ୍କ ପ୍ରତ୍ୟର୍ପଣ ବନ୍ଦ କରିବା ପାଇଁ ଲଣ୍ଡନର ଏକ କୋର୍ଟରେ ଏକ ନୂତନ ଆବେଦନ ଦାଖଲ କରିଛନ୍ତି। ଭାରତର ଇଡି ଏବଂ ସିବିଆଇର ଦଳ ମଧ୍ୟ ଲଣ୍ଡନରେ ଉପସ୍ଥିତ ଅଛନ୍ତି ଏବଂ ନୀରବଙ୍କ ଆବେଦନକୁ ବିରୋଧ କରିବାରେ କ୍ରାଉନ୍ ପ୍ରସିକ୍ୟୁସନ୍ ସର୍ଭିସ୍ (ସିପିଏସ୍)କୁ ସହାୟତା କରୁଛନ୍ତି। ନୀରବଙ୍କୁ ଭାରତରେ ପଳାତକ ଅର୍ଥନୈତିକ ଅପରାଧୀ ଘୋଷଣା କରାଯାଇଛି ଏବଂ ସେ ପଞ୍ଜାବ ନ୍ୟାସନାଲ୍ ବ୍ୟାଙ୍କ ଠକେଇ ମାମଲାରେ ବିଚାରର ସମ୍ମୁଖୀନ ହେବାକୁ ଚାହୁଁଛନ୍ତି। ନୀରବଙ୍କ ବିରୁଦ୍ଧରେ ୬୪୯୮ କୋଟିରୁ ଅଧିକ ଟଙ୍କାର ଠକେଇ ଅଭିଯୋଗ ଅଛି। ଏକ ବ୍ରିଟିଶ କୋର୍ଟ ଭାରତ ସରକାରଙ୍କ ସପକ୍ଷରେ ତାଙ୍କ ପ୍ରତ୍ୟର୍ପଣକୁ ଅନୁମୋଦନ କରିସାରିଛି। କ୍ରାଉନ୍ ପ୍ରସିକ୍ୟୁସନ୍ ସର୍ଭିସ୍ ହେଉଛି ମୁଖ୍ୟ ସରକାରୀ ସଂସ୍ଥା ଯାହା ଇଂଲଣ୍ଡ ଏବଂ ୱେଲ୍ସରେ ସ୍ୱାଧୀନ ଭାବରେ ଫୌଜଦାରୀ ମାମଲା ପରିଚାଳନା କରେ, ପୋଲିସ ଏବଂ ଅନ୍ୟ ତଦନ୍ତକାରୀଙ୍କ ଦ୍ୱାରା ସଂଗୃହୀତ ପ୍ରମାଣ ସମୀକ୍ଷା କରେ ଏବଂ ମାମଲା ରୁଜୁ କରିବାକୁ ନିଷ୍ପତ୍ତି ନିଏ।

ନୀରବ ମୋଦିଙ୍କ ଜାମିନ ଆବେଦନ ଏ ପର୍ଯ୍ୟନ୍ତ ପ୍ରାୟ ୧୦ ଥର ଖାରଜ କରାଯାଇଛି। ବରିଷ୍ଠ ଆଇନଜୀବୀ ସ୍ୱପ୍ନିଲ କୋଠାରୀ କହିଛନ୍ତି, ଆବେଦନ ପାଇଁ ଆଧାର ବହୁତ ସୀମିତ। କେବଳ ଯୁକ୍ତି ବାକି ଅଛି ମାନସିକ ସ୍ୱାସ୍ଥ୍ୟ, ନିର୍ଯ୍ୟାତନାର ଭୟ, କିମ୍ବା ଖରାପ ଜେଲ୍ ପରିସ୍ଥିତି। ବିଶେଷଜ୍ଞଙ୍କ ମତରେ ନୀରବଙ୍କ ନୂତନ ଆବେଦନ ସଫଳ ହେବାର ସମ୍ଭାବନା



ମଧ୍ୟ କମ୍। ବ୍ରିଟିଶ କୋର୍ଟଗୁଡ଼ିକ ପୂର୍ବରୁ ଅନେକ ଥର କହିସାରିଛନ୍ତି ଯେ ଭାରତରେ ତାଙ୍କର ନିରପେକ୍ଷ ବିଚାର ହେବ ଏବଂ ଜେଲ୍ ପରିସ୍ଥିତି ପର୍ଯ୍ୟାପ୍ତ। ଇଡି ଏବଂ ସିବିଆଇର ଦୃଢ଼ ପ୍ରସ୍ତୁତି ସହିତ, ଏଥର ମଧ୍ୟ ଆବେଦନ ଖାରଜ ହେବାର ଆଶା କରାଯାଉଛି।

ଅପରପକ୍ଷେ ଭାରତ ୟୁକେକୁ ଜଣାଇଛି ଯେ ନୀରବ ମୋଦୀଙ୍କୁ ମୁମ୍ବାଇର ଆର୍ଥର ରୋଡ୍ ଜେଲର ବାରାକ୍ ନମ୍ବର ୧୨ରେ ରଖାଯିବ, ଯେଉଁଠାରେ ହିଂସା, ଭିଡ଼ କିମ୍ବା ଦୁର୍ବ୍ୟବହାରର କୌଣସି ବିପଦ ନାହିଁ ଏବଂ ଚିକିତ୍ସା ସୁବିଧା ଉପଲବ୍ଧ। ଏଜେନ୍ସିଗୁଡ଼ିକ ୟୁକେକୁ ଆଶ୍ୱାସନା ଦେଇଛନ୍ତି ଯେ ତାଙ୍କ ବିରୁଦ୍ଧରେ କୌଣସି ନୂତନ ଅଭିଯୋଗ ଦାଖଲ କରାଯିବ ନାହିଁ। ୫୪ ବର୍ଷୀୟ ନୀରବ ମୋଦିଙ୍କୁ ୧୯ ମାର୍ଚ୍ଚ ୨୦୧୯ ରେ ପ୍ରତ୍ୟର୍ପଣ ୱାରେଣ୍ଟରେ ଗିରଫ କରାଯାଇଥିଲା। ତତ୍କାଳୀନ ୟୁକେ ଗୃହ ସଚିବ ପ୍ରିତୀ ପଟେଲ ଏପ୍ରିଲ ୨୦୨୧ରେ ତାଙ୍କ ପ୍ରତ୍ୟର୍ପଣ ପାଇଁ ନିର୍ଦ୍ଦେଶ ଦେଇଥିଲେ। ସେ ପ୍ରାୟ ୬ ବର୍ଷ ଧରି ଲଣ୍ଡନ ଜେଲରେ ଅଛନ୍ତି। ସିବିଆଇ ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ ଠକେଇ ମାମଲାର ତଦନ୍ତ କରୁଛି। ଇଡି ଠକେଇ ସହ ଜଡିତ ମନି ଲଣ୍ଡରିଂ ମାମଲା ପରିଚାଳନା କରୁଛି, ଏବଂ ସିବିଆଇ ଏହି ମାମଲାରେ ପ୍ରମାଣ ଏବଂ ସାକ୍ଷୀମାନଙ୍କ ସହିତ ହେରଫେର ଅଭିଯୋଗ କରି ତୃତୀୟ ମାମଲା ଚଳାଇଛି। ନୀରବ ସୁପ୍ରିମକୋର୍ଟ ସମେତ ସମସ୍ତ ଆଇନଗତ ଉପାୟ ଶେଷ କରିସାରିଛନ୍ତି ଏବଂ ଅନେକ ଥର ଜାମିନ ପାଇଁ ଆବେଦନ କରିଛନ୍ତି, କିନ୍ତୁ ତାଙ୍କର ପଳାୟନ ବିପଦ ଯୋଗୁଁ ସମସ୍ତ ପ୍ରତ୍ୟାଖ୍ୟାନ କରାଯାଇଛି।

### ଏ ପର୍ଯ୍ୟନ୍ତ ୧୦ ଥର ଖାରଜ ହୋଇଛି ଜାମିନ୍ ଆବେଦନ

